# <u>ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ: ଝାରସୁଗୁଡା (ସହରାଞ୍ଚଳ)</u>

ବିଜ୍ଞାପନ ସଂଖ୍ୟା- ୪୩୮ ତାରିଖ ୨୮-0୪-୨୦୨୬

ଏତଦ୍ୱାରା ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ( Anganawardi Worker) ପଦବୀ ଖାଲି ଅଛି । ଏହି ପଦବୀରେ ନିୟୋଜନ ନିମନ୍ତେ ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ (Revised Guidelines) ସଂଖ୍ୟା ୪୯୬୦ ତାରିଖ ୧୫.୦୩.୨୦୨୩, ମୁତାବକ ନିମ୍ନଲିଖିତ ଯୋଗ୍ୟତା ଓ ସର୍ତ୍ତାବଳୀ ଥାଇ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ମହିଳାଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରାର୍ଥୀମାନେ website **"engagement-awc.odisha.gov.in"** କୁ ଲଗ ଇନ୍ କରି ପଦବୀ ପାଇଁ **<u>ତା ୨୯-୦୪-୨୦୨୬ରିଖ ଠାରୁ ତା ୧୩-୦୫-୨୦୨୬ରିଖ ଅପରାହ୍ନ ଘ. ୫.୦୦ ଘଟିକା ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ କରିପାରିବେ</u>** । ନିର୍ଦ୍ଧାରିତ ସମୟ ପରେ କରାଯାଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର ଗୁଡିକୁ ବିଚାରକୁ ନିଆଯିବ ନାହିଁ । **Offline ରେ କୌଣସି ଆବେଦନ/ ଦସ୍ତାବିଜ ଗ୍ରହଣ କରାଯିବ ନାହିଁ।**

| କ୍ର.ସଂ. | ୱାର୍ଡ ନଂ | ଗ୍ରାମ ର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ଆରମ୍ଭ ଗୃହ ସଂଖ୍ୟା ଏବଂ ପରିବାର ମୁଖ୍ୟଙ୍କ ନାମ | ଶେଷ ଗୃହ ସଂଖ୍ୟା ଏବଂ ପରିବାର ମୁଖ୍ୟଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୮ | ପଞ୍ଚପଡ଼ା | ପଞ୍ଚପଡ଼ା (ହରିଜନ ପଡ଼ା) | ୦୦୧- କାର୍ତ୍ତିକ ଜୟପୁରିଆ | ୨୮୫- ସୁମୁଖି ସାହୁ | |

**ଯୋଗ୍ୟତା:**

(୧) ସେ ସ୍ଥାନୀୟ ଅଞ୍ଚଳ ର ଜଣେ ମହିଳା ପ୍ରାର୍ଥିନୀ ଏବଂ ଅଙ୍ଗନୱାଡିକର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହେବା ଆବଶ୍ୟକ ।

(୨) ବୟସ ତା ୦୧.୦୧.୨୦୨୬ ରିଖକୁ ୧୮ ବର୍ଷ ରୁ କମ୍ ଏବଂ ୩୫ ବର୍ଷ ରୁ ଅଧିକ ହୋଇ ନ ଥିବା ଦରକାର ।

(୩) ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ +2 **(ଦ୍ୱାଦଶ )** ଶ୍ରେଣୀପାସ ହୋଇଥିବା ଆବଶ୍ୟକ ।

(୪) ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ହାସଲ କରିଥିବା ମାର୍କ ଆଧାର ରେ ଅବେଦନକାରୀଙ୍କ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯିବ। ନିମ୍ନଲିଖିତ ବର୍ଗଗୁଡିକୁ ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯିବ ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତ ପଏଣ୍ଟ |
|---|---|---|
| ୧ | ଅନୁସୂଚିତ ଜନଜାତି /ଅନୁସୂଚିତ ଜାତି | ୧୦ |
| ୨ | ବିଧବା | ୧୦ |
| ୩ | ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତା ମାତା ନ ଥିବା ) | ୧୦ |
| ୪ | ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବରେ ଗ୍ରହଣ କରାଯିବ) | ୫ |
| ୪ | ନିରାଶ୍ରୟ /ଛାଡପତ୍ର ପ୍ରାପ୍ତ/ପରିତ୍ୟକ୍ତ ମହିଳା | ୫ |
| ୬ | ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । | ୫ |
| ୭ | ଯଦି ପ୍ରାର୍ଥୀ ଅତୀତରେ ସମଗ୍ର ଶିକ୍ଷା/ ଏନ.ପି.ଇ.ଜି.ଇ.ଏଲ. ଅଧୀନରେ ଇ.ସି.ସି.ଇ. ୱାର୍କର ଭାବରେ କାର୍ଯ୍ୟ କରିଛନ୍ତି । | ୧୫ ପଏଣ୍ଟର ସର୍ବୋଚ୍ଚ ସୀମା ସହ ବାର୍ଷିକ ୫ ପଏଣ୍ଟ ସେବା ପ୍ରଦାନ । |
| ୮ | ଯଦି ପ୍ରାର୍ଥୀ ଅତୀତରେ ଗାଁର ବାଲୱାଡି କର୍ମୀ ଭାବରେ କାର୍ଯ୍ୟ କରିଛନ୍ତି | ୧୫ ପଏଣ୍ଟର ସହିତ ସେବାରେ ବାର୍ଷିକ ୫ ପଏଣ୍ଟ । |

(୫) ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମୀଙ୍କ ଠାରୁ ଅଲଗା ହୋଇ ଯାଇଥିବା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳା ଙ୍କୁ ପ୍ରାଥମିକତା ଦିଆଯିବ ।

(୬) ଅଙ୍ଗନୱାଡି କର୍ମୀ ଚୟନ ପାଇଁ ଓଡିଆ ଭାଷା ଜ୍ଞାନ ବାଧ୍ୟତା ମୂଳକ ।

(୭) ଅନୁସୂଚିତ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ପରିଚାଳିତ ଅଞ୍ଚଳରୁ କେବଳ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କୁ ଅଙ୍ଗନୱାଡି କର୍ମୀ ରୂପେ ଚୟନ କରାଯିବ । ଯଦି ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ପରିଚାଳିତ ଅଞ୍ଚଳରେ କୌଣସି ଉପଯୁକ୍ତ ଅନୁସୂଚିତ ଜନଜାତି ପ୍ରାର୍ଥୀ ଉପଲବ୍ଧ ନାହିଁ, ତେବେ ସେହି ଗ୍ରାମର କିନ୍ତୁ ଅଙ୍ଗନୱାଡି କେନ୍ଦ୍ରର ସେବା କ୍ଷେତ୍ର ବାହାରେ ଜଣେ ଉପଯୁକ୍ତ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କୁ ଚୟନ କରାଯାଇ ପାରିବ । ଯଦି ସେହି ଗାଁ ରେ ମଧ୍ୟ କୌଣସି ଅନୁସୂଚିତ ଜନଜାତି ପ୍ରାର୍ଥୀ ନଥିବେ, ତେବେ ଗ୍ରାମ ପଞ୍ଚାୟତ ଅଞ୍ଚଳର ଆଖପାଖ ଗାଁ ର ପ୍ରାର୍ଥୀଙ୍କୁ ଅଙ୍ଗନୱାଡି କର୍ମୀ ଚୟନ ପାଇଁ ବିଚାର କରାଯାଇ ପାରେ । ଯଦି କୌଣସି ମାମଲାରେ ଅନୁସୂଚିତ ଜନଜାତି ପ୍ରାର୍ଥୀ ଉପଲବ୍ଧ ନଥିବେ ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ଏହାକୁ ଗ୍ରହଣ କରାଯାଇ ପାରିବ। ଯଦି ସେହି ଅଞ୍ଚଳରେ ଏସଟି କିମ୍ବା ଏସସି କୌଣସି ପ୍ରାର୍ଥୀ ଉପଲବ୍ଧ ନାହାନ୍ତି ତେବେ କୌଣସି ବର୍ଗ ର ପ୍ରାର୍ଥୀଙ୍କୁ ଚୟନ କରାଯାଇ ପାରିବ ।

(୮) ଅଙ୍ଗନୱାଡି ସହାୟିକାଙ୍କ ଆବଶ୍ୟକ ଯୋଗ୍ୟତା ଥିଲେ ଏବଂ ସେମାନେ ଉପଯୁକ୍ତ ବୋଲି ପ୍ରମାଣିତ ହୁଅନ୍ତି ତେବେ ତାଙ୍କୁ ଅଙ୍ଗନୱାଡି କର୍ମୀ ଭାବରେ ଚୟନ କରାଯିବ ଏବଂ ଯଦି ସେମାନେ ଅନୁସୂଚିତ ଅଞ୍ଚଳରେ ୫ ବର୍ଷରୁ ଅଧିକ କାମ କରିଛନ୍ତି, ଯଦିଓ ସେ ଏସଟି/ଏସସି ନୁହନ୍ତି । ଏହି ପରିସ୍ଥିତିରେ ଅଙ୍ଗନୱାଡି ସହାୟିକାଙ୍କୁ ବୟସରେ ସେ ଯେତେ ବର୍ଷ ସହାୟିକା ରୂପେ କାର୍ଯ୍ୟ କରିଛନ୍ତି ସେତେ ବର୍ଷର କୋହଳ ସର୍ବାଧିକ ୧୦ ବର୍ଷ ଦିଆଯାଇ ପାରିବ।

(୯) ସମନ୍ୱିତ ଶିଶୁ ବିକାଶ ଯୋଜନା ଅଞ୍ଚଳରେ ଥିବା ବାଲୱାଡି କେନ୍ଦ୍ର ଗୁଡିକ ବନ୍ଦ ହେବା ପରେ ଧାରା ୩ ଅନୁଯାୟୀ ଆବଶ୍ୟକ ଯୋଗ୍ୟତା ଥିବା ବାଲୱାଡି ଶ୍ରମିକମାନେ ଯଦି ଉପଯୁକ୍ତ ବୋଲି ପ୍ରମାଣିତ ହୁଅନ୍ତି ଏବଂ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି , ତେବେ ସେମାନଙ୍କୁ ଅଙ୍ଗନୱାଡି କର୍ମୀ ରୂପେ ଚୟନ କରାଯିବ । ଏହି ପରିସ୍ଥିତିରେ ମଧ୍ୟ ପ୍ରାର୍ଥୀଙ୍କୁ ବୟସରେ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଯେତେ ବର୍ଷ ବାଲୱାଡି କେନ୍ଦ୍ରରେ କାର୍ଯ୍ୟ କରିଛନ୍ତି ସେତେ ବର୍ଷ କୋହଳ ଦିଆଯିବ ।

(୧୦) ଆବଶ୍ୟକ ଯୋଗ୍ୟତା ସହିତ ଏକ ବର୍ଷର ଅଭିଜ୍ଞତା ଥିବା ମିନି ଅଙ୍ଗନୱାଡି କର୍ମୀଙ୍କୁ ସେହି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି କରାଯିବ ।

(୧୧) ଅଙ୍ଗନୱାଡି କର୍ମୀ ହେଉଛନ୍ତି ଜଣେ ସ୍ୱେଚ୍ଛାସେବୀ ଯିଏ କି ତାଙ୍କ ସମ୍ପ୍ରଦାୟ ର ଅଳ୍ପ ସୁବିଧାପ୍ରାପ୍ତ ବ୍ୟକ୍ତି ମାନଙ୍କୁ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ପାଇ ଏକ ମାନ୍ୟତା ପାଆନ୍ତି ।ସେ ଜଣେ ସରକାରୀ କର୍ମଚାରୀ ନୁହନ୍ତି ।ଯେଉଁ ମାନଙ୍କର ନିର୍ଦ୍ଧାରିତ କିମ୍ବା ବେତନ ସ୍କେଲ ଅଛି । ତେଣୁ ଓ. ଆର୍.ଭି ଆଇନ ( ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି ) ୧୯୭୫ ଏବଂ ନିଯୁକ୍ତି ବିନିମୟ ( ଖାଲି ପଦବୀ ର ବାଧ୍ୟତାମୂଳକ ବିଜ୍ଞପ୍ତି ) ଆଇନ ୧୯୫୯ ବ୍ୟବସ୍ଥା ଅଙ୍ଗନୱାଡି କର୍ମୀ ଚୟନ ରେ ଲାଗୁ ହେବ ନାହିଁ । ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଏବଂ ଭତ୍ତା ଭିତ୍ତିକ ଅଟେ । ଭବିଷ୍ୟତରେ ପ୍ରାର୍ଥୀନୀ କୌଣସି ମତେ ଏହାର ସ୍ଥାୟିତ୍ୱ ତଥା ନିର୍ଦ୍ଦିଷ୍ଟ ବେତନ ଉପରେ ଦାବି କରି ପାରିବେ ନାହିଁ ।

(୧୨) ଭବିଷ୍ୟତରେ କର୍ମୀଙ୍କ କାର୍ଯ୍ୟ ସନ୍ତୋଷଜନକ ନହେଲେ ଓଡିଶା ସରକାରଙ୍କ ନିୟମ ମୁତାବକ କାର୍ଯ୍ୟରୁ ଅନ୍ତର କରାଯିବ।

(୧୩)ଅଙ୍ଗନୱାଡି କର୍ମୀ ରୂପେ ମନୋନୀତ ହେଲେ ମାସିକ ୧୦,୦୦୦/-( ଦଶ ହଜାର) ଟଙ୍କା ଭତ୍ତା (ସମ୍ମାନସୂଚକ ଦେୟ ) ପାଇବେ ।

<u>ପ୍ରାର୍ଥୀନୀମାନେ online ସମୟରେ ଏହି ସବୁ documents ଅପଲୋଡ ଦରଖାସ୍ତ ସହିତ ସ୍ୱ ଆଟେଷ୍ଟେଡ ହୋଇଥିବା ନିମ୍ନଲିଖିତ ପ୍ରମାଣପତ୍ର ଦାଖଲ କରିବେ</u>

୧. ଦୁଇ ଗୋଟି ପାସପୋର୍ଟ ସାଇଜ୍ ର ଫଟୋଗ୍ରାଫ ଓ ଆଧାର କାର୍ଡ ।

୨. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ସାର୍ଟିଫିକେଟ୍ ଏବଂ ମାର୍କସିଟ୍ ।

୩. ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ।

୪. ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ହୋଇଥିଲେ ତହସିଲଦାରଙ୍କ ଠାରୁ ପ୍ରମାଣପତ୍ର ।

୫. ବିଧବା ହୋଇଥିଲେ ସ୍ୱାମୀଙ୍କ ମୃତ୍ୟୁର ପ୍ରମାଣପତ୍ର ।

୬. ଅନାଥ ହୋଇଥିଲେ (ଜୀବିତ ଆଇନଗତ ପିତା ମାତା ନଥିବେ) ପ୍ରମାଣପତ୍ର ।

୭. ନିସ୍ୱ ପରିତ୍ୟକ୍ତା (Destitute)/ ନିରାଶ୍ରୟା ହୋଇଥିଲେ ସମ୍ପୃକ୍ତ ଅଧିକାରୀଙ୍କ ପ୍ରମାଣପତ୍ର ।

୮. ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ କୋର୍ଟରୁ ଡିକ୍ରୀର ପ୍ରମାଣପତ୍ର ।

୯. ଅଙ୍ଗନୱାଡିକେନ୍ଦ୍ର ପରିସର ଗୃହ ସର୍ଭେ ସଂଖ୍ୟା ।

**ବି.ଦ୍ର.:** ଅଧିକ ବିବରଣୀ ପାଇଁ କିମ୍ବା ସେବା ପରିସର ଅଞ୍ଚଳ ଜାଣିବା ପାଇଁ ଇଚ୍ଛୁକ ପ୍ରାର୍ଥୀନୀ କାର୍ଯ୍ୟରତ ଥିବା ସମ୍ପୃକ୍ତଅଙ୍ଗନୱାଡି କର୍ମୀ ଙ୍କ ସହ ଯୋଗାଯୋଗ କରି ପାରିବେ ।

**<u>ନିର୍ଦ୍ଦେଶାବଳୀ:</u>**

(୧) ଅଙ୍ଗନୱାଡି କର୍ମୀ ଜଣେ ସ୍ୱେଚ୍ଛା ସେବିକା (Volunteer) ଯିଏକି ତାଙ୍କ ନିଜ ସଂପ୍ରଦାୟର ଅଳ୍ପ ସୁବିଧା ପ୍ରାପ୍ତ ବ୍ୟକ୍ତି ମାନଙ୍କୁ ତାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ପାଇଁ ଏକ ମାନ୍ୟତା ପାଆନ୍ତି । ସେ ଜଣେ ସରକାରୀ କର୍ମଚାରୀ ନୁହନ୍ତି ଯେଉଁ ମାନଙ୍କର ନିର୍ଦ୍ଧାରିତ କିମ୍ବା ବେତନ ସ୍କେଲ ଅଛି । ତେଣୁ ଓ.ଆର.ଭି. ଆଇନ (ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି) ୧୯୭୫ ଏବଂ ନିଯୁକ୍ତି ବିନିମୟ (ଖାଲି ପଦବୀରେ ବାଧ୍ୟତାମୂଳକ ବିଜ୍ଞପ୍ତି) ଆଇନ, ୧୯୫୯ ର ବ୍ୟବସ୍ଥା ଅଙ୍ଗନୱାଡି କର୍ମୀ ପଦବୀରେ ଲାଗୁ ହେବ ନାହିଁ । ସେହିଭଳି ଅଙ୍ଗନୱାଡି କର୍ମୀ ଭାବେ ମନୋନୀତ ହେବା ଆଧାରରେ ଭବିଷ୍ୟତରେ କୌଣସି ନିୟମିତ ନିଯୁକ୍ତି ଦାବି କରି ପାରିବେ ନାହିଁ ।

(୨) ପ୍ରାର୍ଥିନୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ **<u>ତା. ୧୪-୦୫-୨୦୨୨ ରିଖ ପୂର୍ବାହ୍ନ ୮.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଉକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ ।</u>** ପ୍ରାର୍ଥିନୀମାନେ **<u>ତା. ୧୪-୦୫-୨୦୨୨ ରିଖ ପୂର୍ବାହ୍ନ ୮.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଉକ୍ତ କାର୍ଯ୍ୟାଳୟରେ</u>** ନିଜେ ଉପସ୍ଥିତ ରହି ନିଜର ସମସ୍ତ ମୂଳ ପ୍ରମାଣପତ୍ର ଯାଞ୍ଚ କରାଇବେ । **ଅନୁପସ୍ଥିତ ରହିଲେ ଆବେଦନ ପତ୍ରକୁ ନାକଚ କରିଦିଆଯିବ ।**

**ବି.ଦ୍ର.:** କୌଣସି ଅସ୍ୱାଭାବିକ ପରିସ୍ଥିତି ଉପୁଜିଲେ ଉକ୍ତ ବିଜ୍ଞାପନକୁ ଏବଂ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ କୌଣସି କାରଣ ନଦର୍ଶାଇ ନାକଚ କରିବାର କ୍ଷମତା ସମ୍ପୃକ୍ତ ଅଧିକାରୀଙ୍କ ହାତରେ ରହିଛି ।

**ବିଶେଷ ସୂଚନା:**

(୧) ଡକ୍ୟୁମେଣ୍ଟ ଯାଞ୍ଚ କରାଯିବା ସ୍ଥାନ ଝାରସୁଗୁଡା **(ସହରାଞ୍ଚଳ)** ସି.ଡି.ପି.ଓ. ଙ୍କ **<u>ତା. ୧୪-୦୫-୨୦୨୨ ରିଖ ପୂର୍ବାହ୍ନ ୮.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା</u>** ପର୍ଯ୍ୟନ୍ତ ।

(୨) ଆବେଦନକାରୀ ଦିଆଯାଇଥିବା WCD ପୋର୍ଟାଲକୁ ଯାଇ Public Sign up କରି ନିଜର User ID ଓ Password ତିଆରି କରି Public Login ମାଧ୍ୟମରେ Login କରି Dashboard AWW engagement ଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରିବେ ।

(ଗ) ଆବେଦନ କରିବା ସମୟରେ Application details, Educational details (upload Certificate mark sheet), Caste/Resident Certificate attachment ପୂରଣ କରି Save as Draft କରି ଭଲ ଭାବେ ଦେଖି submit କରନ୍ତୁ ।

(ଘ) ପ୍ରାର୍ଥିନୀମାନେ ମଧ୍ୟ **engagement-awc.odisha.in** ପୋର୍ଟାଲରେ ହୋମ୍ ପେଜରେ How to apply for AWW vacancies tab କୁ ଯାଇ ଦରଖାସ୍ତ କରିବା ପ୍ରକ୍ରିୟା ଜାଣିପାରିବେ ।

ସ୍ୱା: ୨୮/୦୪/୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଝାରସୁଗୁଡା (ସହରାଞ୍ଚଳ)
C.D.P.O. Jharsuguda (U)

**ପରିପତ୍ର ସଂଖ୍ୟା:-** ୪୩୯ **ତାରିଖ:-** ୨୮-୦୪-୨୦୨୫

ଏହାର ଏକକିତା ନକଲ ଅଫିସ ବିଜ୍ଞାପନଫଳକ ଏବଂ ତାରିକିତା ନକଲ ସମ୍ପୃକ୍ତ ଭାରପ୍ରାପ୍ତ ଅଙ୍ଗନୱାଡିକର୍ମୀ କୁ ପ୍ରେରଣ କରାଗଲା ଏବଂ ନିର୍ଦ୍ଦେଶ ଦିଆଗଲା ଯେ ଏହି ବିଜ୍ଞାପନ କୁ ଅଙ୍ଗନବାଡି କେନ୍ଦ୍ର / ୱାର୍ଡ ଅଫିସ / ଗ୍ରାମ ର ମଧ୍ୟସ୍ଥଳି ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞାପିତ କରିବେ ଓ ଏକକିତା ରେ ଅଙ୍ଗନୱାଡି କେନ୍ଦ୍ରାଟଂକ ର ହିତାଧିକାରୀ ମାନଙ୍କର ସ୍ୱାକ୍ଷର ଆଣି ଏହି କାର୍ଯ୍ୟାଳୟକୁ ଫେରସ୍ତ କରିବେ/ ଏକକିତାସମ୍ପୃକ୍ତ ସୁପରଭାଇଜର ଙ୍କ ଅବଗତି ଓ ବହୁଳ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା: ୨୮/୦୪/୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
C.D.P.O.
ଝାରସୁଗୁଡା (ସହରାଞ୍ଚଳ)

**ପରିପତ୍ର ସଂଖ୍ୟା :** ୪୪୦ **ତାରିଖ:** ୨୮-୦୪-୨୦୨୫

ଏହାର ଏକକିତା ନକଲ ନିର୍ବାହୀ, ଅଧିକାରୀ, ଝାରସୁଗୁଡା (ମ୍ୟୁନିସିପାଲଟି) / ବ୍ଲକ ଶିକ୍ଷା ଅଧିକାରୀ , ଝାରସୁଗୁଡା ଙ୍କ ଅବଗତି ତଥା ତାଙ୍କର ନୋଟିସ ବୋର୍ଡ ରେ ବିଜ୍ଞାପିତ କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ମୁଖ୍ୟ ସେବିକା/ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟ କର୍ମୀ ଙ୍କ ଅବଗତି ଓ ବିଧିକାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା: ୨୮/୦୪/୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
C.D.P.O.
ଝାରସୁଗୁଡା (ସହରାଞ୍ଚଳ)

**ପରିପତ୍ର ସଂଖ୍ୟା :** ୪୪୧ **ତାରିଖ:** ୨୮-୦୪-୨୦୨୫

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ,ଝାରସୁଗୁଡା /ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ , ଝାରସୁଗୁଡା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା: ୨୮/୦୪/୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
C.D.P.O.
ଝାରସୁଗୁଡା (ସହରାଞ୍ଚଳ)
Jharsuguda (U)